Krishi Vigyan Kendra, Koraput
Odisha University of
Agriculture and Technology
Bhubaneswar

# ଦେଓମାଳି

କୃଷିର ଉନ୍ନତି ଦେଶର ପ୍ରଗତି

କୃଷି ସମାଚାର ପତ୍ରିକା

କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଭୁବନେଶ୍ୱର

ବର୍ଷ-୧୧ | ୨୦୨୪-୨୫ | ପତ୍ରିକା ସଂଖ୍ୟା-୨୦୨୪୧୧୦୩୮୮




## ସଂପ୍ରସାରଣ ଅଧକ୍ଷଙ୍କ ବାର୍ତ୍ତା

କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକ କୃଷି ତଥା କୃଷି ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନ କୌଶଳର ସମ୍ପ୍ରସାରଣ କରି କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଫଳ ଭୂମିକା ଗ୍ରହଣ କରିଛନ୍ତି । କୃଷି ଓ କୃଷକର ସାମୂହିକ ବିକାଶ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ରର ଏହା ଏକ ଅଭିନବ ପ୍ରୟାସ । ବିଭିନ୍ନ ଜଳବାୟୁ, ସ୍ଥାନୀୟ ପରିବେଶ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି, କୃଷକମାନଙ୍କ ସମସ୍ୟାକୁ ଅନୁସରଣ କରି ବୈଜ୍ଞାନିକମାନେ ଗବେଷଣାଲବ୍ଧ ଜ୍ଞାନକୌଶଳ ଗୁଡ଼ିକୁ କ୍ଷେତ୍ର ପରୀକ୍ଷଣ, ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ, ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଜରିଆରେ କୃଷକମାନଙ୍କ ପାଖରେ ପହଞ୍ଚାଇ ଆସୁଛନ୍ତି । ନୂତନ ଜ୍ଞାନ କୌଶଳକୁ ନେଇ ଜିଲ୍ଲାର ସମସ୍ତ କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ ଏବଂ ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାପାଇଁ କୃଷି ବିଜ୍ଞାନ କେନ୍ଦ୍ରର ପ୍ରଚେଷ୍ଟା ଓ ସମୟୋଚିତ ପଦକ୍ଷେପ ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ ଏବଂ ପ୍ରଶଂସନୀୟ । 'ଦେଓମାଳି' ମାଧ୍ୟମରେ ନୂତନ କୃଷି ଜ୍ଞାନକୌଶଳକୁ କୋରାପୁଟ ଜିଲ୍ଲାର କୃଷିଜୀବୀ ଭାଇ ଓ ଭଉଣୀ, କୃଷିଉଦ୍ୟୋଗୀ ଜନସାଧାରଣ ତଥା ଜିଲ୍ଲାର କାର୍ଯ୍ୟରତ ସମ୍ପ୍ରସାରଣ କର୍ମୀମାନଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ଦକ୍ଷତା ଓ ଅଭିଜ୍ଞତାକୁ ସୁଦୂର ପ୍ରସାରିତ କରାଯାଇପାରିବ ।

କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ ଅବସରରେ ଏହିସବୁ କାର୍ଯ୍ୟକ୍ରମର ପ୍ରସାର ପାଇଁ କୋରାପୁଟର ନିଜସ୍ୱ ସମାଚାର ପତ୍ରିକା 'ଦେଓମାଳି' ପ୍ରକାଶ ପାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଏହି କେନ୍ଦ୍ର ଦ୍ୱାରା ପ୍ରକାଶିତ କୃଷିଭିତ୍ତିକ ପତ୍ରିକା ମାଧ୍ୟମରେ ଏହା କୃଷିକ୍ଷେତ୍ରରେ ନିଶ୍ଚିତ ଭାବେ ଦିଗ୍‌ଦର୍ଶନ ଦେବାରେ ସହାୟକ ହୋଇପାରିବ ବୋଲି ମୋର ଆଶା ଓ ବିଶ୍ୱାସ । ମୁଁ ଏହି ପତ୍ରିକା 'ଦେଓମାଳି'ର ସଫଳତା କାମନା କରୁଛି ।


ପ୍ରଶନ୍ତ ବିଦ୍ ମିଶ୍ର
ଅଧକ୍ଷ
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର




## ମୁଖ୍ୟ ସମ୍ପାଦକଙ୍କ କଲମରୁ

ଦେଓମାଳି ତ୍ରୟୋମାସିକ ସମାଚାର ପତ୍ରିକାଟି କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟର ସଫଳ କାର୍ଯ୍ୟକ୍ରମର ପ୍ରତିବିମ୍ବକୁ ଜିଲ୍ଲାର ଚାଷୀସମାଜ ନିକଟରେ ପ୍ରତିଫଳିତ କରିଥାଏ । କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟ ଦ୍ୱାରା ନୂତନ ଜ୍ଞାନକୌଶଳ କୁ ଚାଷୀମାନଙ୍କ ଜମିରେ ପରୀକ୍ଷଣ ଏବଂ କ୍ଷେତ୍ର ପ୍ରଦର୍ଶନ କରାଇ ଜିଲ୍ଲାରେ ସମ୍ପ୍ରସାରଣ କରାଇବା ଏବଂ କୃଷକ ସମାଜର ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟରତ ।ଏହି ସମଚାର ପତ୍ରୀକା ଜିଲ୍ଲାର କୃଷକ, କୃଷିଜିବୀ ମହିଳା, ଗ୍ରାମ୍ୟ ଯୁବଗୋଷ୍ଠୀ, କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ କାର୍ଯ୍ୟରତ ସରକାରୀ, ସଂପ୍ରସାରଣ ଅଧିକାରୀ, କ୍ଷେତ୍ର କର୍ମଚାରୀମାନଙ୍କୁ ନୂତନ ତଥା ବୈଷୟିକ ଜ୍ଞାନକୌଶଳ ଓ କୃଷିସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ପହଞ୍ଚାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଏହା କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଲବ୍ଧ ଜ୍ଞାନକୌଶଳ ଅଧିକ ପ୍ରସାର ନିମନ୍ତେ ସ୍ଥାପିତ କରାଯାଇଛି । ଏହା ଜିଲ୍ଲାର ସମସ୍ତ କୃଷିଜିବୀ, କୃଷିପ୍ରେମୀ, ସମ୍ପ୍ରସାରଣ କର୍ମୀ ତଥା ସର୍ବସାଧାରଣଙ୍କ ନିକଟରେ ଆଦୃତ ହେବବୋଲି ମୁଁ ଆଶାୟୀ ।


ବିଶ୍ୱନାଥ ସାହୁ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ
ଡ଼ଃ. ବିଶ୍ୱନାଥ ସାହୁ
କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟ


## କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟକୁ ଓଡ଼ିଶାର ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ର ଭାବେ ପୁରସ୍କୃତ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ ତା।୨୪.୦୮.୨୦୨୪ ରିଖରେ ପାଳନ ଉତ୍ସବ ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରଯୁକ୍ତ ମୋହନ ଚରଣ ମାଝୀ ମହୋଦୟ କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟକୁ ଓଡ଼ିଶାର ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ର ଭାବେ ପୁରସ୍କୃତ କରିଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର, କୋରାପୁଟ ଗବେଷଣାଲବ୍ଧ ଜ୍ଞାନକୌଶଳ ଗୁଡ଼ିକୁ କ୍ଷେତ୍ର ପରୀକ୍ଷଣ, ଆଗୁଆଧାଡ଼ି କ୍ଷେତ୍ର ପ୍ରଦର୍ଶନ, ବିଭିନ୍ନ ପ୍ରକାରର ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ କୃଷକମାନଙ୍କ ନିକଟରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ସେମାନଙ୍କର ସାମଗ୍ରିକ ବିକାଶ ଦିଗରେ ସହାୟକ ହୋଇପାରୁଛି ।

